ରିପୋର୍ଟଯୋଗ୍ୟ

# ମାନ୍ୟବର ଉଚ୍ଚତମ ନ୍ୟାୟାଳୟ, ଭାରତ

ସିଭିଲ୍ ଅପିଲ୍ ଅଧିକାରିତା

ସିଭିଲ୍ ଅପିଲ୍ ନଂ – ୮୫୦/୨୦୨୦

ଏସ୍.ଏଲ୍.ପି. (ସିଭିଲ୍) ନଂ – ୨୩୬୫୪/୨୦୧୬ରୁ ଉଦ୍ଭୂତ

ଅନ୍ତରୀଣ ଆବେଦନ ନଂ – ୮୫୬୮୦/୨୦୧୬, ୭୯୪୭୭/୨୦୧୬,୫୪୦୫୨/୨୦୧୮, ୪/୨୦୧୭, ୧୮୭୫୮୦/୨୦୧୯, ୮୭୩୪/୨୦୨୦, ୮୭୨୫/୨୦୨୦ ସହିତ

ଓଡ଼ିଶା ରାଜ୍ୟସରକାର ଏବଂ ଅନ୍ୟ...................... ଆବେଦନକାରୀ

ବନାମ

ମେସର୍ସ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଏବଂ ଅନ୍ୟ............ ପ୍ରତିବାଦୀ

## ରାୟ

ପକ୍ଷ ମାନଙ୍କର ଅଧିବକ୍ତାଙ୍କ ସହମତିରେ ଅପିଲ୍ ପାଇଁ କରାଯାଇଥିବା ସ୍ପେସିଆଲ୍ ଲିଭ୍ ପିଟିସନ ଏବଂ ଏଥିସହ ସଂଯୁକ୍ତ ଶିରୋନାମାରେ ଦିଆଯାଇଥିବା ଇଣ୍ଟରଲୋକ୍ୟୁଟରୀ ଦରଖାସ୍ତ ଗୁଡ଼ିକର ଚୂଡ଼ାନ୍ତ ଶୁଣାଣି କରାଗଲା ।

୨- ଲିଭ୍ ପିଟିସନ୍ ମଞ୍ଜୁର କରାଗଲା । ପକ୍ଷମାନଙ୍କର ଅଧିବକ୍ତାଙ୍କୁ ଶୁଣିଲୁ ।

ଠାକୁରାଣୀ ବି-ବ୍ଲକ୍ ମାଇନ୍ସ, କେଉଁଝର, ଓଡ଼ିଶାରେ ମେସର୍ସ ଶାରଦା ମାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏସ୍.ଏମ୍.ପି.ଏଲ୍.) ର ପଟ୍ଟାକ୍ଷେତ୍ରର ପ୍ରେରଣ ସ୍ଥାନରୁ ଆଇନାନୁସାରେ ସଂଗୃହୀତ, ପ୍ରକ୍ରିୟାକରଣ, ରୟାଲ୍ଟି ଏବଂ କରପ୍ରଦତ୍ତ ଗଚ୍ଛିତ ଲୁହାପଥରକୁ ଉତ୍ତୋଳନ କରିବା ନିମନ୍ତେ ଏବଂ ଓଡ଼ିଶା ଓ ଛତିଶଗଡ଼ରେ ଥିବା ପେଷଣ ପ୍ଲାଣ୍ଟ ଏବଂ ଷ୍ଟିଲ୍ ପ୍ଲାଣ୍ଟକୁ ବୋହିନେବାପାଇଁ ଦେଓଝରରେ ଥିବା ରେଲ୍‌ୱେ ସାଇଡ଼ିଂକୁ ଏହାକୁ ପରିବହନ କରିବା ନିମନ୍ତେ ଅନୁମତି ଦେଇଥିବା ଅପିଲ୍‌କାରୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ପରମ ଆଜ୍ଞାଦେଶ ଇଚ୍ଛା କରି ରେସ୍‌ପୋଣ୍ଡେଣ୍ଟ୍ ନଂ-୧ – ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍

ପାୱାର ଲିମିଟେଡ୍(ଜେ.ଏସ୍.ପି.ଏଲ୍.) ଦ୍ୱାରା ଦାୟର ହୋଇଥିବା ରିଟ୍ ପିଟିସନ୍ ରେ ଉଚ୍ଚ ନ୍ୟାୟାଳୟର ଏକ ଖଣ୍ଡପୀଠଙ୍କ ମଞ୍ଜୁର ଆଦେଶ ବିରୁଦ୍ଧରେ ଏହି ସିଭିଲ୍ ଅପିଲ୍ ଦାୟର ହୋଇଛି।

ତଥ୍ୟ

୪- ଜେ.ଏସ୍.ପି.ଏଲ୍. ଏକ ଔଦ୍ୟୋଗିକ ସଂସ୍ଥା ଯାହା ଦେଶ ସାରା ଇସ୍ପାତ ଉତ୍ପାଦନ କାରଖାନା ଚଳାଇଥାଏ ଏବଂ ନିୟମିତ ଭାବେ ବହୁତ କଞ୍ଚାମାଲ୍ କ୍ରୟ କରିଥାଏ, ଯେଉଁଥିରେ ଏହାର ବ୍ୟାବସାୟିକ ଧନ୍ଦାର ଅଂଶ ସ୍ୱରୂପ ଲୌହ ପଥର ସାମିଲ୍। କିଛି ଲୌହ ପଥର କ୍ରୟ କରିବା ନିମନ୍ତେ ଏହା ଏସ.ଏମ୍.ପି.ଏଲ୍ ସହିତ ଏକ ବନ୍ଦୋବସ୍ତ କରିଥିଲା। ଯାହାକି ମୁଣ୍ଡା ପଥର ଏବଂ ପରିଶୋଧିତ ରୂପେ ବ୍ୟବସ୍ଥିତ ହେବାର ଥିଲା ଏବଂ ଜେ.ଏସ୍.ପି.ଏଲ୍. ର ପ୍ଲାଣ୍ଟ୍ କୁ ପରିବହନ ହେବାର ଥିଲା। ଖଣିଜ ପଦାର୍ଥର ଉତ୍ତୋଳନ ପ୍ରକ୍ରିୟା ଏସ.ଏମ୍.ପି.ଏଲ୍ ଦ୍ୱାରା ପରିଚାଳିତ ହେଉଥିଲା ଏବଂ ଏସ.ଏମ୍.ପି.ଏଲ୍ ପରିସରରେ ଗଚ୍ଛିତ ପଦାର୍ଥର ଦଖଲ ଅଧିକାର ଜେ.ଏସ୍.ପି.ଏଲ୍. କୁ ହସ୍ତାନ୍ତର କରାଯାଇଥିଲା। ଏସ.ଏମ୍.ପି.ଏଲ୍ ର ପଟ୍ଟାବୃତ୍ତ କ୍ଷେତ୍ରରେ ଜେ.ଏସ୍.ପି.ଏଲ୍ ଏହି ପଥରକୁ ସଂସାଧିତ କରିବ ଏବଂ ତଦ୍‌ପରେ ଦେଓଝର, ଓଡ଼ିଶାରେ ଅବସ୍ଥିତ ଏହାର ପେଲିଟାଇଜେସନ ପ୍ଲାଣ୍ଟ୍ ଓ ରାୟଗଡ଼, ଛତିଶଗଡ଼ରେ ଥିବା ଏହାର ଏକୀକୃତ ଷ୍ଟୀଲ୍ ପ୍ଲାଣ୍ଟ୍ ନିମନ୍ତେ ଟ୍ରେନ୍ ଦ୍ୱାରା ପରିବହନ ପାଇଁ ପ୍ରେରଣ ସ୍ଥାନରେ ଗଚ୍ଛିତ କରିବ। ଉଚ୍ଚତମ ଦରରେ ରୟାଲଟି ପ୍ରଦାନ ସର୍ତ୍ତରେ ଲୌହପଥର ବିକ୍ରୟ ବ୍ୟବସ୍ଥାକୁ ଅପିଲ୍ କର୍ତ୍ତା (ଓଡ଼ିଶା ରାଜ୍ୟ) ପୂର୍ବରୁ ମଞ୍ଜୁରୀ ଦେଇଥିଲେ।

୫- ତା୩୧.୦୩.୨୦୧୪ରିଖ ପର୍ଯ୍ୟନ୍ତ ଏହା ନିରବଚ୍ଛିନ୍ନ ଭାବେ ଚାଲୁ ରହିଲା, ଯେତେବେଳେ ଖଣି ଉପ ନିର୍ଦ୍ଦେଶକ, ଯୋଡ଼ା, କେଉଁଝର, ଓଡ଼ିଶା (ଅପିଲ୍ କର୍ତ୍ତା ନଂ-୩)ଙ୍କ ଦ୍ୱାରା ଏକ ପତ୍ର ଜାରି କରାଗଲା ଯାହା ଦର୍ଶାଇଲା ଯେ ଅଧିକ ଉତ୍ପାଦନ ନିମନ୍ତେ ଏସ.ଏମ୍.ପି.ଏଲ୍ ର ପର୍ଯ୍ୟାବରଣ ମଞ୍ଜୁରୀର ଅବଧି ସମାପ୍ତ ହେଲା ଏବଂ ଅତଃ ପ୍ରେରଣ ସ୍ଥାନରୁ ସଂଗୃହିତ ଏବଂ ସଂସାଧିତ ଲୌହ ପଥର (ସି.ଏଲ୍.ଓ ଏବଂ ଫାଇନ୍‌ସ)ଜେ.ଏସ୍.ପି.ଏଲ୍. ପ୍ଲାଣ୍ଟ୍‌କୁ ପରିବହନ ନିମନ୍ତେ ଅନୁମତି ଦିଆଯାଇ ପାରିବ ନାହିଁ।

୬- ଜେ.ଏସ୍.ପି.ଏଲ୍. ରାଜ୍ୟ ଅଧିକାରୀଙ୍କ ନିକଟରେ ଦୃଢ଼ଯୁକ୍ତି ଉପସ୍ଥାପନ କରି ଅନୁରୋଧ କରିଥିଲେ ଯେ ଲୌହପଥର ପାଇଁ ରୟାଲଟି ଯଥାବିଧି ପ୍ରଦାନ କରାଯାଇ ସାରିଥିଲା ଏବଂ ପ୍ରେରଣ ସ୍ଥାନରେ ଗଚ୍ଛିତ ଥିବା ପଥରର ଅଧିକାରୀ ଜେ.ଏସ୍.ପି.ଏଲ୍., ଏସ୍.ଏମ୍.ପି.ଏଲ୍ ନୁହେଁ। ସଂସାଧିତ ଖଣିଜ ପରିବହନ ଅନୁମତି ପ୍ରାର୍ଥନା କରି ଅନେକ ଆବେଦନ କରାଯାଇଥିଲା। ତେଣୁ ଜେ.ଏସ୍.ପି.ଏଲ୍. କୁ ଆବଶ୍ୟକ ପରିବହନ ମଞ୍ଜୁରୀ ଦେବାକୁ ଖଣି ନିର୍ଦ୍ଦେଶକ (ଅପିଲକର୍ତ୍ତା ନଂ-୨)ଙ୍କୁ ଅପିଲ୍ କର୍ତ୍ତା ନଂ-୩ ସୁପାରିଶ୍

କରିଥିଲେ । ଯାହାହେଉ, ଇସ୍ପାତ ଓ ଖଣି ବିଭାଗ ର ଆୟୁକ୍ତ ତଥା ସଚିବଙ୍କ ଧ୍ୟାନ ଆକର୍ଷଣ କରି ଅପିଲକର୍ତ୍ତା ନଂ-୨ ଏହି ତଥ୍ୟ ରଖିଲେ ଯେ ଏସ୍.ଏମ୍.ପି.ଏଲ୍ ର ପଟ୍ଟାକ୍ଷେତ୍ର ମଧ୍ୟରେ ପଡ଼ି ରହିଥିବା ସାମଗ୍ରୀ ଏବଂ ଏହାର ପରିବହନ ଖନନ କାର୍ଯ୍ୟର ଅଂଶ ବିଶେଷ, ଯାହାକି ଉପଯୁକ୍ତ ବୈଧାନିକ ମଞ୍ଜୁରୀ ବିନା ଆଗେଇ ପାରିବ ନାହିଁ। ତଦନୁସାରେ ତା୨୩.୦୫.୨୦୧୪ରିଖ ଏବଂ ତା୨୬.୦୬.୨୦୧୪ରିଖ ର ପତ୍ର ମାଧ୍ୟମରେ ଅପିଲକର୍ତ୍ତା ମାନେ ଜେ.ଏସ୍.ପି.ଏଲ୍. ର ପ୍ରାର୍ଥନାକୁ ଖାରଜ କଲେ ।

୭- ବ୍ୟଥିତ ହୋଇ ଜେ.ଏସ୍.ପି.ଏଲ୍. ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ ଏବଂ ପରିବହନ ପରମିଟ୍ ଦେବାକୁ ମନାକରି ଅପିଲକର୍ତ୍ତାଙ୍କ ଦ୍ୱାରା ଦିଆଯାଇଥିବା ପତ୍ରକୁ ଖାରଜ କରିବା ନିମନ୍ତେ ଏବଂ ଏସ୍.ଏମ୍.ପି.ଏଲ୍. ର ପଟ୍ଟାକ୍ଷେତ୍ରରେ ଥିବା ପ୍ରେରଣ ସ୍ଥାନରୁ ସମସ୍ତ ସଂସାଧିତ ପଥରକୁ ଜେ.ଏସ୍.ପି.ଏଲ୍. ର ଓଡ଼ିଶା ଏବଂ ଛତିଶଗଡ଼ ୟୁନିଟ୍‌କୁ ପରିବହନ ନିମେନ୍ତ ଅନୁମତି ଦେବାକୁ ଓଡ଼ିଶା ସରକାରଙ୍କୁ ଏକ ପରମ ଆଜ୍ଞାଦେଶ ବଳରେ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କଲେ ।

୮- ଜେ.ଏସ୍.ପି.ଏଲ୍. ଦାବୀ ରଖିଲେ ଯେ ଏସ୍.ଏମ୍.ପି.ଏଲ୍. ଏହାର ଖାଦନର ସଂଚାଳନ କରିପାରିବେ ଏବଂ ତା୨୨.୦୯.୨୦୦୪ରିଖ ଠାରୁ ୨୦ ବର୍ଷ ପାଇଁ ୪ ମିଲିଅନ ଟନ୍ ଲୌହପଥର (ମୁଣ୍ଡା) ଉତ୍ପାଦନ କରିବାକୁଏସ୍.ଏମ୍.ପି.ଏଲ୍. ପର୍ଯ୍ୟାବରଣ ଏବଂ ବନ ମନ୍ତ୍ରାଳୟ ଭାରତ ସରକାରଙ୍କର ତା୧୫.୦୧.୨୦୧୫ ରିଖ ପତ୍ର ମାଧ୍ୟମରେ ସ୍ପଷ୍ଟୀକରଣ ପ୍ରାପ୍ତ ହୋଇଥିଲେ । ଯେ-ହେତୁ ଏସ୍.ଏମ୍.ପି.ଏଲ୍. ନିକଟରେ ବୈଧ ପର୍ଯ୍ୟାବରଣ ମଞ୍ଜୁରୀ ଥିଲା, ଜେ.ଏସ୍.ପି.ଏଲ୍. ଦ୍ୱାରା ଲୌହପଥର ପରିବହନ ବିରୋଧରେ ଅପିଲ୍‌କର୍ତ୍ତାଙ୍କ ଦ୍ୱାରା କୌଣସି ଆପତ୍ତି ଉଠା ଯାଇ ପାରିବ ନାହିଁ ଏହାକୁ ତୀବ୍ର ବିରୋଧ କରି ଦୃଢ଼ ଯୁକ୍ତି ଉପସ୍ଥାପନ କଲେ ଯେ ଉଚ୍ଚତମ ନ୍ୟାୟାଳୟଙ୍କ ତା୧୬.୦୫.୨୦୧୪ରିଖ ଅନ୍ତରୀଣ ନିର୍ଦ୍ଦେଶ କାରଣ ହେତୁ କୌଣସି ଖନନ କାର୍ଯ୍ୟବିଧି ସଞ୍ଚାଳନ ହୋଇ ପାରିବ ନାହିଁ, ଯେଉଁଥିରେ ଖନନ ପଥର ପରିବହନରେ ନିଷିଦ୍ଧତା ମଧ୍ୟ ସାମିଲ୍ ।

୯- ଜେ.ଏସ୍.ପି.ଏଲ୍. ଯୁକ୍ତି ଉପସ୍ଥାପନ କଲେ ଯେ ପୂର୍ବୋକ୍ତ ନିର୍ଦ୍ଦେଶ କେବଳ ଏସ୍.ଏମ୍.ପି.ଏଲ୍. କୁ ଖନନ କାର୍ଯ୍ୟ ପୁନଃ ଆରମ୍ଭ କରିବାରୁ ନିବୃତ୍ତ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା ଏବଂ ଏହା ଜେ.ଏସ୍.ପି.ଏଲ୍. ଦ୍ୱାରା ନିର୍ଦ୍ଧାରିତ ସମୟ ପୂର୍ବରୁ ଖନନ ହୋଇଥିବା, କ୍ରୟ ହୋଇଥିବା, ସଂସାଧିତ ହୋଇଥିବା ଏବଂ ରୟାଲଟି ପ୍ରଦାନ ହୋଇଥିବା ଖଣିଜ ପାଇଁ ନୁହଁ । ଖଣି ଓ ଖଣିଜ (ବିକାଶ ଏବଂ ବିନିୟମ) ଅଧିନିୟମ, ୧୯୫୭ (ଏମ୍.ଏମ୍.ଆର.ଡ଼ି.ଏ) ର ଧାରା-୩ (ଘ) ରେ ପରିଭାଷିତ ଶବ୍ଦ "ଖନନ ସଞ୍ଚାଳନ" ଉପରେ ଏହା ଆସ୍ଥା ପ୍ରକଟ କଲେ, ଯେଉଁଥିରେ ଖଣିଜ ପରିବହନ ସାମିଲ୍ ନ ଥିଲା । ଖଣି ପଟ୍ଟାଧାରୀ ଦ୍ୱାରା

ଯେମିତି ପଥର ଖନନ ଓ ବିକ୍ରୟ ହେବ, ଓ.ଏମ୍.ପି.ଟି.ଏସ୍. ନିୟମ ଲାଗୁ ହୋଇଯିବ ବୋଲି ଯୁକ୍ତି ବଢାଗଲା । ଜେ.ଏସ୍.ପି.ଏଲ୍. ଜଣେ କ୍ରେତା ଯାହା ନିକଟରେ ଓ.ଏମ୍.ପି.ଟି.ଏସ୍. ନିୟମାନୁସାରେ ପରିବହନ ପାଇଁ ଆବଶ୍ୟକ ଲାଇସେନ୍ସ ଥିଲା ଏବଂ ଯିଏ ସମସ୍ତ ଆବଶ୍ୟକ ରୟାଲଟି ମଧ ପ୍ରଦାନ କରିଥିଲେ, ତାହାଙ୍କୁ ତାଙ୍କର ପଥର ପରିବହନ ନିମନ୍ତେ ବାରଣ କରାଯାଇ ପାରିବ ନାହିଁ କେବଳ ଏହି ଭିତ୍ତିରେ ଯେ ଏସ୍.ଏମ୍.ପି.ଏଲ୍.ର ପଟ୍ଟା ପରିସରରେ ଏହା ଥିଲା ଏବଂ ତାଙ୍କର ଏକ ବୈଧ ପର୍ଯ୍ୟାବରଣ ମଞ୍ଜୁରୀ ନ ଥିଲା ।

୧୦- ଉଚ୍ଚ ନ୍ୟାୟାଳୟ ଟିପ୍ପଣୀ କଲେ ଯେ ଏହି ନ୍ୟାୟାଳୟର ଅନ୍ତରୀଣ ଆଦେଶ "ଖନନ କାର୍ଯ୍ୟ" କୁ ନିଷିଦ୍ଧ କଲେ, ଯାହାକି ଏମ୍.ଏମ୍.ଡ଼ି.ଆର.ଏ. ର ଧାରା-୩ (ଘ) ଅନୁସାରେ ଖଣିଜର ଲାଭ । ବିହାର ମାଇନ୍ସ ଲିମିଟେଡ୍ ବନାମ ଭାରତ ସଂଘ ମାମଲା ରେ ସାମ୍ବିଧାନିକ ଖଣ୍ଡପୀଠ ଦ୍ୱାରା"ଖନନ କାର୍ଯ୍ୟ"ରବ୍ୟାଖ୍ୟା ଏହି ଯେ ଖଣିରୁ ଖଣିଜ ପଦାର୍ଥର ଆବଶ୍ୟକ ସଂଗ୍ରହ/ଉତ୍ତୋଳନ ପ୍ରକ୍ରିୟା କେବଳ ସାମିଲ୍ । ଏହା ଉପରେ ବିଶ୍ୱାସ କରି ଉଚ୍ଚ ନ୍ୟାୟାଳୟ ସିଦ୍ଧାନ୍ତ କଲେ ଯେ ଏହି ନ୍ୟାୟାଳୟଙ୍କ ଅନ୍ତରୀଣ ନିର୍ଦ୍ଦେଶ ମାଧମରେ ପୂର୍ବରୁ ଉଠାଯାଇଥିବା ଖଣିଜର ପରିବହନକୁ ରୋକାଯାଇ ପାରିବ ନାହିଁ। ଏସ୍.ଏମ୍.ପି.ଏଲ୍. ପାଖରେ ପର୍ଯ୍ୟାବରଣ ମଞ୍ଜୁରୀ ଥିଲା, ଜେ.ଏସ୍.ପି.ଏଲ୍.କୁ ଲୌହ ପଥର ବିକ୍ରୟ ନିମନ୍ତେ ଏହା ଉଚିତ୍ ଅନୁମତି ପ୍ରାପ୍ତ କରିଥିଲେ ଏବଂ ଆବଶ୍ୟକ ରୟାଲଟି ପୂର୍ବରୁ ପ୍ରଦାନ କରାଯାଇଥିଲା – ଏ ସବୁ ତଥ୍ୟକୁ ଧାନ ଦେଇ ଉଚ୍ଚ ନ୍ୟାୟାଳୟ ଜେ.ଏସ୍.ପି.ଏଲ୍. ଦ୍ୱାରା ଲୌହପଥର ପରିବହନକୁ ଓଡ଼ିଶା ରାଜ୍ୟ ବନ୍ଦ୍ କରିବାର କୌଣସି ବୈଧ କାରଣ ପାଇଲେ ନାହିଁ। ତଦନୁସାରେ, ଆକ୍ଷେପିତ ପତ୍ରକୁ, ଯାହା ପରିବହନକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲା, ନାକଚ କରାଯାଇଥିଲା ଏବଂ ଏହା ପରିବର୍ତ୍ତେ ଜେ.ଏସ୍.ପି.ଏଲ୍. କୁ ପରିବହନ ଅନୁମତି ଦେବାକୁ ରାଜ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

<u>ପକ୍ଷ ମାନଙ୍କର ଯୁକ୍ତି</u>

୧୧- ପୀଡ଼ିତ ରାଜ୍ୟ ଅଧିକାରୀ ଅପିଲ୍ କରି ପ୍ରଥମେ ଯୁକ୍ତି ରଖିଥିଲେ ଯେ ଏସ୍.ଏମ୍.ପି.ଏଲ୍ ଦ୍ୱାରା ଖନନ ପଥରର କେବଳ ମାତ୍ର, ବିକ୍ରୟର ମତଲବ ଏହା ନୁହେଁ କି ଏମ୍.ଏମ୍.ଡ଼ି.ଆର୍.ଏ. ସଞ୍ଚାଳନ କରିବାରୁ ବିରତ ରହି, ଏବଂ ଓ.ଏମ.ପି.ଟି.ଏସ୍. ନିୟମ, ୨୦୦୭ ଅନୁୟାୟୀ ଜେ.ଏସ୍.ପି.ଏଲ୍. କୁ ଅନୁମୋଦନ ପ୍ରଦାନ, ଅନ୍ୟବିଧାନ ଅନୁଯାୟୀ ମଞ୍ଜୁରୀ/ଅନୁମୋଦନ ପାଇବାପାଇଁ ଆବଶ୍ୟକତାକୁ ଦୂରେଇ ଦେଇ ପାରିବ ନାହିଁ। ସାମଗ୍ରୀ ଉପରେ ଜେ.ଏସ୍.ପି.ଏଲ୍. ର ସ୍ୱତ୍ୱ ଏସ୍.ଏମ୍.ପି.ଏଲ୍ ଦ୍ୱାରା ଅଧିକୃତ ସ୍ୱତ୍ୱ ଠାରୁ ଉନ୍ନତ

ହୋଇ ପାରିବ ନାହିଁ; ଏବଂ ଦ୍ରବ୍ୟ ବିକ୍ରୟ ଅଧିନିୟମ ଅନୁସାରେ କେବଳ ବିକ୍ରୟ ସଂପୂର୍ଣ୍ଣ ହେଲେ ଏହା କାନୁନ୍‌ର ଅବୈଧତାକୁ ନିୟମିତ କିମ୍ବା କାନୁନ୍ ର ଅନୁପାଳନ ନିମନ୍ତେ ଆବଶ୍ୟକତା ପୂରଣ କରିପାରିବ ନାହିଁ। ଉଚ୍ଚ ନ୍ୟାୟାଳୟ ପର୍ଯ୍ୟାବରଣ ମଞ୍ଜୁରୀ ସମ୍ବନ୍ଧରେ ଏମ୍.ଓ.ଇ.ଏଫ୍ ର ସ୍ୱଷ୍ଟ ପତ୍ରକୁ ତ୍ରୁଟିପୂର୍ଣ୍ଣ ବ୍ୟାଖ୍ୟା କଲେ, ଯାହା କେବଳ ୪ ଏମ୍.ପି.ଟି.ଏ. ପାଇଁ ଦିଆଯାଇଥିଲା, ପରନ୍ତୁ ଏସ୍.ଏମ୍.ପି.ଏଲ୍. ଅଧିକ ମାତ୍ରାରେ ଖଣିଜ ଉତ୍ତୋଳନ କରିଥିଲେ। ଯେମିତି ହେଲେ ମଧ ଜେ.ଏସ୍.ପି.ଏଲ୍. କୁ ବିକ୍ରି ହୋଇଥିବା ପଥରର କିଛି ଅଂଶ ଏହି ଅନଧିକୃତ ଅତିରିକ୍ତ ଉତ୍ପାଦନରୁ ହିଁ ଆସିଛି ଏବଂ ଏଥି ପାଇଁ ଜେ.ଏସ୍.ପି.ଏଲ୍. କୁ ସାମଗ୍ରୀ "ବୈଧରୂପେ ସଂଗ୍ରହ" କରିଛି ବୋଲି କୁହାଯାଇ ପାରିବ ନାହିଁ, ତେଣୁ ପରିବହନ ନିମନ୍ତେ ଏହାର କୌଣସି ଅଧିକାର ନ ଥିଲା। ପୁନଶ୍ଚ ଅପିଲ୍‌କର୍ତ୍ତା ଦାବୀ ରଖିଲେ କି "ମାଇନିଙ୍ଗ୍ ଅପରେସନ୍ " ବାସ୍ତବରେ ପଟ୍ଟାଦାରି କ୍ଷେତ୍ର ମଧରେ ସାମଗ୍ରି ପରିବହନକୁ ଅନ୍ତର୍ଭୁକ୍ତ କରିବ ଏବଂ ଏମ୍.ଏମ୍.ଡ଼ି.ଆର୍.ଏ. ର ଧାରା-୩ (ଘ) କୁ ସମାଜ ପରିବର୍ତ୍ତନ ସମୁଦାୟ ବନାମ କର୍ଣ୍ଣାଟକ ରାଜ୍ୟ ମାମଲାରେ ଏହି ଅଦାଲତଙ୍କ ଅବଲୋକନ ଦୃଷ୍ଟିକୋଣ ରୁ ବ୍ୟାଖ୍ୟା କରିବା ଉଚିତ୍ ନୁହେଁ, ଏବଂ ଏହି କାରଣ ବଶତଃ ଜେ.ଏସ୍.ପି.ଏଲ୍. ର ପ୍ରାର୍ଥନାକୁ ଏହି ନ୍ୟାୟାଳୟଙ୍କ ତା୧୬.୦୫.୨୦୧୪ରିଖର ଅନ୍ତରୀଣ ନିର୍ଦ୍ଦେଶ ଦ୍ୱାରା ବାଧା ଦିଆଯାଇଥିଲା।

୧୨- ଅପିଲ୍ କର୍ତ୍ତା ଉଚ୍ଚ ନ୍ୟାୟାଳୟର ସିଦ୍ଧାନ୍ତକୁ ସମର୍ଥନ ପୂର୍ବକ ବୃହତ ନିହିତାର୍ଥକୁ ରେଖାଙ୍କିତ କଲେ ଯେ ଖଣିଜର ବିକ୍ରୟ ଏମ୍.ଏମ୍.ଡ଼ି.ଆର୍.ଏ. ର ପ୍ରୟୋଗକୁ ସମାପ୍ତ କରିଦେବ, ଏବଂ ଏହା ପରିବର୍ତ୍ତେ କେବଳ ଓ.ଏମ୍.ପି.ଟି.ଏସ୍. ନିୟମ ଲାଗୁ ହେବ, କାରଣ ଏହା ପର୍ଯ୍ୟାବରଣୀୟ ବିଧାନର ଅନୁପ୍ରୟୋଗ ଟାଳିବାକୁ ଏକ ଗଳାବାଟ ସୃଷ୍ଟି କରିବ।

୧୩- ଜେ.ଏସ୍.ପି.ଏଲ୍., ଅନ୍ୟ ପକ୍ଷରେ, ଦୃଷ୍ଟି ଆକର୍ଷଣ କଲେ କି ଏହା କୌଣସି ଲୌହ ପଥର ପେଷଣ କିମ୍ବା ପ୍ରକ୍ରିୟାକରଣ ନିମନ୍ତେ ଅନୁମତି ମାଗି ନ ଥିଲେ, ବରଂ କେବଳ ଏସ୍.ଏମ୍.ପି,ଏଲ୍. ର ପର୍ଯ୍ୟାବରଣ ମଞ୍ଜୁରୀ ସମାପ୍ତ ହେବା ପୂର୍ବରୁ ପ୍ରେରଣ ସ୍ଥାନରେ ଆଇନାନୁସାରେ ସଂଗୃହୀତ, ସଂସାଧିତ ଏବଂ ଗଚ୍ଛିତ ପଥରର ପରିବହନ ଅନୁମତି। ଏହି ଯୁକ୍ତି ଉପସ୍ଥାପନା କରାଗଲା କି ସ୍ୱଭାବତଃ, ପରିବହନ ଖନନ ପ୍ରକ୍ରିୟାର ଏକ ଅଂଶ ବିଶେଷ ହେବା ଉଚିତ୍ ନ ଥିଲା, ଯାହା ପାଇଁ ପର୍ଯ୍ୟାବରଣ ମଞ୍ଜୁରୀର ଆବଶ୍ୟକତା ଥିଲା। ଏହା ଅନ୍ୟ ସମାନ ମାମଲାରେ ଖଣିଜ ପରିବହନ ଉପରେ ଆପତ୍ତି ଉଠାଇବାରେ ଅପିଲ୍‌କର୍ତ୍ତାଙ୍କ ବିଫଳତା ଉପରେ ବିଶ୍ୱାସ ପ୍ରକଟ କଲେ। ଅନ୍ୟଭାବରେ, ଫର୍ମ 'ଟ' ର ଭାଗ-୯ର ଧାରା-୫(ଏମ୍.ସି. ନିୟମ, ୧୯୬୦ ର ନିୟମ ୩୧(୧) ଅନୁଯାୟୀ ଖନନ ପଟ୍ଟା ର ମଡ଼େଲ୍ ଫର୍ମ) ଅନୁସାରେ ଚୁକ୍ତି ସମାପ୍ତ ହେବାପରେ ଛଅ ମାସ ପର୍ଯ୍ୟନ୍ତ ଖଣିଜ ଉତ୍ତୋଳନ ଏବଂ ପରିବହନ ଅନୁମୋଦନୀୟ ବୋଲି ଉପସ୍ଥାପନା କରାଗଲା, ଯାହା ଚୁକ୍ତି

ଅବଧି ମଧରେ ଖଣିଜ ଖନନ କରିଥି'ବା ପଟ୍ଟାଦାରଙ୍କର ଅଧିକାର ରକ୍ଷା କରିବାକୁ ଆଇନ୍‌ର ସ୍ୱଷ୍ଟ ଉଦ୍ଦେଶ୍ୟକୁ ପ୍ରମାଣ କରେ।

୧୪- ଏହି ଅପିଲ୍ ବିଚାରାଧୀନ ଥିବା ସମୟରେ ଏସ୍.ଏମ୍.ପି.ଏଲ୍. ଏକ ମଧକ୍ଷେପ ଆବେଦନ (ଆଇ.ଏ.ନଂ-୮୭୨୫/୨୦୨୦) ଦାୟର କଲେ ଏବଂ ଶୁଣାଣି ସମୟରେ ରିଟ୍ ପିଟିସନ୍ ନଂ ୧୧୪/୨୦୧୪ (କମନ୍ କଜ୍ ବନାମ୍ ୟୁନିୟନ୍ ଅଫ୍ ଇଣ୍ଡିଆ)ରେ ଆଇ.ଏ. ନଂ ୧୮୬୮୧୦/୨୦୧୯ ରେ ତା୧୫/୦୧/୨୦୨୦ ରେ ପାରିତ ହୋଇଥିବା ଆଦେଶକୁ ଉଲ୍ଲେଖ କଲେ, ଯେଉଁଥିରେ ଏହି ଅଦାଲତ ବିଭିନ୍ନ ଖନନ କମ୍ପାନୀଙ୍କ ଦ୍ୱାରା କରାଯାଇଥିବା ଅନିୟମିତତାକୁ ଲକ୍ଷ୍ୟ କରି ଏସ୍.ଏମ୍.ପି.ଏଲ୍. କୁ କେନ୍ଦ୍ରୀୟ ପର୍ଯ୍ୟାବରଣ ସମିତି ତା୦୮.୦୫.୨୦୧୯ରିଖରେ ନିଜ ରିପୋର୍ଟରେ କରିଥିବା ମୂଲ୍ୟାଙ୍କନ ଅନୁସାରେ ବକେୟା ରାଶି ଜମା କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ସମସ୍ତ ନିୟମ, ବିନିୟମ ଏବଂ ଅନିବାର୍ଯ୍ୟ ବ୍ୟବସ୍ଥାକୁ ପାଳନ କରିବାକୁ ଏକ ପ୍ରତିଶ୍ରୁତି ଦାୟର କରିବାକୁ କହିଲେ; ଏହାପରେ ପଟ୍ଟାକ୍ଷେତ୍ରରେ ଏସ୍.ଏମ୍.ପି.ଏଲ୍. ଏହାର ଖନନ ପ୍ରକ୍ରିୟା ପୁନଃ ଆରମ୍ଭ କରିପାରିବ। ନ୍ୟାୟାଳୟଙ୍କ ତା୧୫.୦୧.୨୦୨୦ରିଖ ନିର୍ଦ୍ଦେଶ ପାଳନ କରିବାକୁ ଏସ୍.ଏମ୍.ପି.ଏଲ୍. ଅନ୍ୟ ଏକ ଆବେଦନ (ଆଇ.ଏ. ନଂ ୮୭୩୪/୨୦୨୦) ଦାୟର କଲେ ଏବଂ ତତ୍ ସହିତ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ଆବଶ୍ୟକିୟ କାର୍ଯ୍ୟ ନିମନ୍ତେ ସମୟ ସୀମା ବୃଦ୍ଧି କରିବାକୁ ମୌଖିକ ପ୍ରାର୍ଥନା କଲେ।

୧୫- ଏହା ଅତିରିକ୍ତ, ଆଇ.ସି.ଆଇ.ସି.ଆଇ. ବ୍ୟାଙ୍କ୍ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ ମଧକ୍ଷେପ ଆବେଦନ (ଆଇ.ଏ. ନଂ-୫୪୦୫୨/୨୦୧୮ ଏବଂ ଆଇ.ଏ. ନଂ ୪/୨୦୧୭) ଦାୟର କରିଛନ୍ତି ଯେଉଁଥିରେ ଉପସ୍ଥାପନ କରିଛନ୍ତି ଯେ ସେମାନେ (ସାତଟି ବ୍ୟାଙ୍କର ଏକ ସଂଗଠନର ଭାଗ ସ୍ୱରୂପ) ଜେ.ଏସ୍.ପି.ଏଲ୍. କୁ କାର୍ଯ୍ୟଶୀଳ ପୁଞ୍ଜି ରୂପେ ମୋଟ ୮,୪୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଜେ.ଏସ୍.ପି.ଏଲ୍. ଦ୍ୱାରା ଏହି ଋଣ ରାଶିର କିଛି ଅଂଶ ଏସ୍.ଏମ୍.ପି.ଏଲ୍. ଠାରୁ ଲୌହ ପଥର କ୍ରୟ କରିବାରେ ବ୍ୟବହାର ହୋଇଥିଲା ଏବଂ ବଦଳରେ ଏହି ମହଜୁଦ ସଂଗଠନ ସହିତ ବନ୍ଧକ ରହିଲା। ତେଣୁ, ବର୍ତ୍ତମାନ ଏହି ମାମଲାରେ ବ୍ୟାଙ୍କ ଗୁଡ଼ିକ ନିକଟରେ ପ୍ରାୟ ୪୩୪ କୋଟି ଟଙ୍କାର ଉଦ୍‌ଭାସନ ଥିଲା, ଯାହାକି

ଯଦି ଜେ.ଏସ୍.ପି.ଏଲ୍. କୁ ଶୀଘ୍ରତା ପୂର୍ବକ ତା'ର ପ୍ଲାଣ୍ଟ୍ ପାଇଁ ଉକ୍ତ ଲୌହ ପଥରର ପରିବହନ ଅନୁମତି ଦିଆନଯାଏ, ପ୍ରତିକୂଳ ପ୍ରଭାବ ପକାଇବ। ଆହୁରି ମଧ୍ୟ, ସେମାନେ ଦାବୀ ରଖିଲେ ଯେ ଜେ.ଏସ୍.ପି.ଏଲ୍. କୁ ନିର୍ଦ୍ଦେଶ ଦିଆଯାଉକି ଲୌହ ପଥର ପରିବହନ ପାଇଁ ଏହା ଦ୍ୱାରା ଆଦାୟ ହେଉଥିବା ରାଶିକୁ କେବଳ କାର୍ଯ୍ୟଶୀଳ ପୁଞ୍ଜି ସୀମା ଆକାଉଣ୍ଟ୍ ରେ ଜମା କରିବେ।

୧୬- ଗଚ୍ଛିତ ଲୌହ ପଥର (ମୋଟ ୨୯୯୭୭.୮୧୮ ମେଟ୍ରିକ ଟନ୍ ମୁଣ୍ଡା ଲୌହପଥର ଏବଂ ପ୍ରାୟ ୧୨.୨ ମିଲିୟନ ଟନ୍ ଶୋଧିତ ଲୌହ ପଥର) ପରିବହନ ଅନୁମତି ଏବଂ ଆବଶ୍ୟକ ପରିବହନ ଅନୁମତି ମଞ୍ଜୁର କରିବାକୁ ଓଡ଼ିଶା ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଏକ ଅନ୍ତରୀଣ ନିର୍ଦ୍ଦେଶ ଇଚ୍ଛା କରି ଜେ.ଏସ୍.ପି.ଏଲ୍. ଏକ ଆବେଦନ (ଆଇ.ଏ. ନଂ ୧୮୭୫୮୦/୨୦୧୯) ଦାୟର କଲେ। ଏସ୍.ଏମ୍.ପି.ଏଲ୍. ର ପ୍ରତିଶ୍ରୁତି ଫଳ ସ୍ୱରୂପ କ୍ଷତିପୂରଣ ରାଶି ପୁନରୁଦ୍ଧାର ନିମିତ୍ତ ଅପିଲ୍ କର୍ତ୍ତାଙ୍କର ଉଦ୍‌ବେଗ ତୃପ୍ତ ହୋଇଛି ଦାବୀ କରି ଭାରତୀୟ ଇସ୍ପାତ କ୍ଷେତ୍ର ସମ୍ମୁଖୀନ କରୁଥିବା ସଂକଟ ଉପରେ ଏବଂ ଏହି କି ଏହାର ନିଜର କାର୍ଯ୍ୟ ସୁବିଧା ଖାତାକୁ ଆର୍.ବି.ଆଇ. ନିର୍ଦ୍ଦେଶାନୁସାରେ ପୁନର୍ଗଠନ କରାଯାଇଥିଲା ଏବଂ କିପରି ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆର ପର୍ଯ୍ୟବେକ୍ଷଣରେ ଏକ ଟ୍ରଷ୍ଟ ଆଣ୍ଡ୍ ରିଟେନ୍‌ସନ୍ ଏକାଉଣ୍ଟ୍ ଖୋଲା ଯାଇଥିଲା ଯେଉଁଥିରେ ଜେ.ଏସ୍.ପି.ଏଲ୍. ର ସମସ୍ତ ପ୍ରାପ୍ତ ଅର୍ଥ ଜମା କରାଯାଉଥିଲା, ଏହି ସମସ୍ତ ଉପରେ ଜେ.ଏସ୍.ପି.ଏଲ୍. ଧ୍ୟାନ ଆକର୍ଷଣ କଲେ।

୧୭- ଜେ.ଏସ୍.ପି.ଏଲ୍. ପକ୍ଷରୁ ଏହା କୁହାଗଲା ଯେ ଆଇ.ଏ. ନଂ. ୧୮୬୮୧୦/୨୦୧୯ ରେ ତା୧୫.୦୧.୨୦୨୦ରିଖ ରେ ଏହି ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପରିଣାମତଃ ଏହାର ଅନୁପାଳନ ନିମନ୍ତେ ପଟ୍ଟାଧାରୀ (ଏସ୍.ଏମ୍.ପି.ଏଲ୍) ଙ୍କ ଦ୍ୱାରା ତା୧୬.୦୧.୨୦୨୦ରିଖରେ ଦାୟର କରାଯାଇଥିବା ପ୍ରତିଶ୍ରୁତି ଦୃଷ୍ଟିକୋଣରୁ କ୍ରେତା (ଜେ.ଏସ୍.ପି.ଏଲ୍.) ଏବଂ ପଟ୍ଟାଦାତା (ଓଡ଼ିଶା ରାଜ୍ୟ)ଙ୍କ ମଧ୍ୟରେ ବାସ୍ତବରେ କୌଣସି ବିବାଦ ରହିଲା ନାହିଁ। ଓଡ଼ିଶା ରାଜ୍ୟ ଏବଂ ଏସ୍.ଏମ୍.ପି.ଏଲ୍. ଙ୍କୁ ପ୍ରତିନିଧିତ୍ୱ କରୁଥିବା ଓକିଲ ମଧ୍ୟ ଏହି ତଥ୍ୟ-ସ୍ଥିତି ଉପରେ ଅସ୍ୱୀକାର କଲେ ନାହିଁ।

## ବିଶ୍ଳେଷଣ

୧୮- ଉପରେ ଯେପରି ଦର୍ଶାଯାଇଛି ଯଦିଓ ଅପିଲ୍ କର୍ତ୍ତା-ରାଜ୍ୟ ନିଜର ଲିଖିତ ଉପସ୍ଥାପନରେ ଅନେ- କ ବିବାଦ ଏବଂ ବିଧିଗତ ପ୍ରଶ୍ନ ଉଠାଇଥିଲେ, କିନ୍ତୁ ମୌଖିକ ଶୁଣାଣି ସମୟରେ ଏସ୍.ଏମ୍.ପି.ଏଲ୍. ର ପଟ୍ଟାକ୍ଷେତ୍ରରୁ ଏହାର ଓଡ଼ିଶା ଏବଂ ଛତିଶଗଡ଼ ପ୍ଲାଣ୍ଟ୍ କୁ ଲୌହ ପଥର ଉଠାଇବା ଏବଂ ପରିବହନ କରିବାକୁ ଜେ.ଏସ୍.ପି.ଏଲ୍.ର ସର୍ତ୍ତମୂଳକ ଅଧିକାର ସମ୍ବନ୍ଧରେ ଉଭୟ ପକ୍ଷ କେବଳ ଏହି ଗୋଟିଏ ମୁଦ୍ଦାରେ ସୀମିତ ରହିଛନ୍ତି । ଅତଃ, ମୁଖ୍ୟ ଅପିଲ୍‌ରେ ଉଠାଯାଇଥିବା ଅନେକ କାନୁନୀ ବିବାଦରେ ସାମିଲ୍ ହେବାର ଅବସର ଉଠୁନାହିଁ ।

୧୯- ଅପିଲ୍ ଦାୟର ହେବା ପରେ ଘଟିଥିବା ଘଟଣାକ୍ରମର ଦୃଷ୍ଟିଭଙ୍ଗୀରେ ଏସ୍.ଏମ୍.ପି.ଏଲ୍. ଦ୍ୱାରା ଉପରୋକ୍ତ ପ୍ରତିଶ୍ରୁତି ଦାୟର ହେଲେ, ଏହି ପିଟିସନ୍‌କୁ ଫଇସଲା କରିବାରେ ଅପିଲ୍ କର୍ତ୍ତାଙ୍କର ଓକିଲଙ୍କର କୌଣସି ଆପତ୍ତି ନାହିଁ ।

## ନିଷ୍କର୍ଷ

୨୦- ପକ୍ଷ ମାନଙ୍କର ସୀମିତ ଯୁକ୍ତି ଏବଂ ଆଇ.ଏ. ନଂ ୧୮୭୫୮୦/୨୦୧୯ (ନିର୍ଦ୍ଦେଶ ପାଇଁ ଜେ.ଏସ୍.ପି.ଏଲ୍. ଦ୍ୱାରା ଆଗତ) ର ଆଧାରରେ ଆମ୍ଭର ଯୁକ୍ତିଯୁକ୍ତ ବିଶ୍ଳେଷଣ ଭିତ୍ତିରେ ଆମ୍ଭେ ସମସ୍ତ ଆଇ.ଏ. ଏବଂ ତତ୍ ସହିତ ସିଭିଲ୍ ଅପିଲ୍ କୁ ନିମ୍ନଲିଖିତ ନିର୍ଦ୍ଦେଶମତେ ଫଇସଲା କରୁଛୁ :

(୧) ରିଟ୍ ପିଟିସନ୍ (ସିଭିଲ୍) ନଂ୧୧୪/୨୦୧୪ ରେ ଆଇ.ଏ. ନଂ ୧୮୬୮୧୦/୨୦୧୯ ରେ ତା୧୫.୦୧.୨୦୨୦ ରେ ଆମ୍ଭେ ପାରିତ କରିଥବା ଆଦେଶର, ଯେଉଁଥିରେ ସି.ଇ.ସି. ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିବା ରାଶି ପ୍ରଦାନ ନିମନ୍ତେ ଏକ ମାସ ସମୟ ମଞ୍ଜୁର ହୋଇଥିଲା, ପରିବର୍ତ୍ତନ ନିମନ୍ତେ ଏସ୍.ଏମ୍.ପି.ଏଲ୍. ର ପ୍ରାର୍ଥନା ଗ୍ରହଣ କରାଗଲା । ଏସ୍.ଏମ୍.ପି.ଏଲ୍. ଏହାର ରାଶି ପ୍ରଦାନ କରିବ ଏବଂ ତା୨୯.୦୨.୨୦୨୦ ସୁଦ୍ଧା ଆବଶ୍ୟକ ପ୍ରତିଶ୍ରୁତି ଦେବ ଯାହାପରେ ଆମ୍ଭର ତା୧୫.୦୧.୨୦୨୦ରିଖ ଆଦେଶାନୁସାରେ ନିଜର ଖନନ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଏହା ସୁଯୋଗ ପ୍ରାପ୍ତ ହେବ ।

(୨) ଉପରେ ଦିଆଯାଇଥିବା ନିର୍ଦ୍ଦେଶ ନଂ-୧ ଯଦିଏସ୍.ଏମ୍.ପି.ଏଲ୍. ପାଳନ କରେ, ତେବେ ଏସ୍.ଏମ୍.ପି.ଏଲ୍. ପରିସରଭୁକ୍ତ ପ୍ରେରଣ ସ୍ଥାନରେ ପୂର୍ବରୁ ଖନନ, ସଂସାଧିତ ହୋଇଥିବା ଓ ରୟାଲଟି ଶୁଳ୍କ ପ୍ରଦାନ ହୋଇ ସାରିଥିବା ଗଚ୍ଛିତ ଲୌହ ପଥର କୁ ଜେ.ଏସ୍.ପି.ଏଲ୍. ଉଠାଇପାରିବ ଏବଂ ଏହି ମହଜୁଦ୍ ପଦାର୍ଥ କୁ ଦେଶର ବିଭିନ୍ନ ସ୍ଥାନେରେ ଥିବା ଏହାର ପ୍ଲାଣ୍ଟକୁ ପରିବହନ କରି ପାରିବ। ଏଥିରୁ ପ୍ରାପ୍ତ ଅର୍ଥ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତତ୍ତ୍ୱାବଧାନରେ ଥିବା ଟ୍ରଷ୍ଟ୍ ଆଣ୍ଡ୍ ରିଟେନ୍‌ସନ୍ ଆକାଉଣ୍ଟ ରେ ଜମା କରାଯିବ।

(୩) ଏହି ନିର୍ଦ୍ଦେଶ ପାଳନ କରିବାରେ ବିଫଳତାର ପରିଣାମ ସ୍ୱରୂପ ଏପରି କୌଣସି ପ୍ରକାର ବିକ୍ରୟ କୁ ଆଇନାନୁସାରେ ଅବୈଧ ବୋଲି ବିବେଚନା କରାଯିବ।

ମାନ୍ୟବର ମୂଖ୍ୟ ନ୍ୟାୟାଧୀଶ
ଏସ୍. ଏ. ବୋବ୍‌ଡ଼େ
ମାନ୍ୟବର ନ୍ୟାୟମୂର୍ତ୍ତି ବି. ଆର୍. ଗବାଇ
ମାନ୍ୟବର ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ

ନୂଆଦିଲ୍ଲୀ
ତା୩୦.୦୧.୨୦୨୦

# <u>ଅସ୍ୱୀକାର ପତ୍ର</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜି ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "